# NATIONAL NEWS BULLETIN (ODIA)
## 22 February - 2025
## Evening Bulletin : 7.15 P.M.

**********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଆସନ୍ତାକାଲି ଦେଶବାସୀଙ୍କ ସହ କରିବେ ଭାବ ବିନିମୟ

- ଆସନ୍ତାକାଲିଠାରୁ ମଧ୍ୟପ୍ରଦେଶ, ବିହାର, ଆସାମ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ

- କେନ୍ଦ୍ରର ପ୍ରୟାସ ଯୋଗୁଁ ସମବାୟ କ୍ଷେତ୍ର ଉଲ୍ଲେଖନୀୟ ବିକାଶ ହାସଲ କରିଛି; କହିଲେ ସମବାୟ ମନ୍ତ୍ରୀ

- ଗାଜା ଯୁଦ୍ଧବିରତି ରାଜିନାମା ଅନୁଯାୟୀ ପାଞ୍ଚ ଜଣ ବନ୍ଧକଙ୍କୁ ମୁକ୍ତ କରିଛି ଇସ୍ରାଏଲ

ଏବଂ

- ଆଇ.ସି.ସି. ଚାମ୍ପିୟନ୍ସ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତାର ଆଜିକାର ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ସମ୍ମୁଖରେ ୩୫୨ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି ଇଂଲଣ୍ଡ ।

# ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟାରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସହ ଭାବ ବିନିମୟ କରିବେ । ଏହା ହେବ ମନ୍ କି ବାତ୍ କାର୍ଯ୍ୟକ୍ରମର ୧୧୯ତମ ସଂସ୍କରଣ ।

ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏୟାର ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଏହା ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣରେ ପ୍ରସାରଣ କରିବ । ରାତି ଆଠଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

# ପିଏମ୍- ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲିଠାରୁ ମଧ୍ୟପ୍ରଦେଶ, ବିହାର ଓ ଆସାମ ଗସ୍ତରେ ଯିବେ। ଆସନ୍ତାକାଲି ସେ ମଧ୍ୟପ୍ରଦେଶର ଛତ୍ରପୁର ଜିଲ୍ଲାରେ ବାଗେଶ୍ୱର ଧାମ ଚିକିତ୍ସା ଏବଂ ବିଜ୍ଞାନ ଗବେଷଣା

ସଂସ୍ଥାନର ଶିଳାନ୍ୟାସ କରିବେ । ଏହି ସଂସ୍ଥାନର କ୍ୟାନସର ହସ୍ପିଟାଲରେ ଗରିବ କର୍କଟ ରୋଗୀଙ୍କୁ ମାଗଣାରେ ଚିକିତ୍ସା କରାଯିବ ଏବଂ ଅତ୍ୟାଧୁନିକ ଯନ୍ତ୍ରପାତି ସହ ବିଶେଷଜ୍ଞ ଡାକ୍ତର ରହିବାର ବ୍ୟବସ୍ଥା କରାଯିବ। ଭୋପାଳରେ ଦୁଇ ଦିନିଆ 'ବିଶ୍ୱ ପୁଞ୍ଜିବିନିଯୋଗ ସିମ୍ମିଳନୀ-୨୦୨୫'କୁ ମଧ୍ୟ ମୋଦି ଉଦଘାଟନ କରିବେ ।

ପ୍ରଧାନମନ୍ତ୍ରୀ ଆସନ୍ତା ସୋମବାର ବିହାରର ଭାଗଲପୁର ଗସ୍ତ କରିବେ। ସେ ପିଏମ କିଷାନ ଯୋଜନାର ଊନବିଂଶତମ କିସ୍ତି ଉନ୍ମୋଚନ କରିବେ ଏବଂ ବିହାରରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦଘାଟନ ଓ ଲୋକାର୍ପଣ କରିବେ । ପିଏମ୍ କିଶାନ ଯୋଜନାରେ ଦେଶର ୯ କୋଟି ୭୦ ଲକ୍ଷରୁ ଅଧିକ କୃଷକ୨୧ ହଜାର ୫୦୦ କୋଟି ଟଙ୍କାରୁ ଅଧିକ ସିଧାସଳଖ ଆର୍ଥିକ ଲାଭ ପାଇବେ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ବିହାରରୁ ଗୌହ୍ୱାଟୀ ଯାଇ ଝୁମୋଇର ବିନାନ୍ଦିନୀ–୨୦୨୫ କାର୍ଯ୍ୟକ୍ରମରେ ଯୋଗଦେବେ। ମେଗା ଝୁମୋଇର କାର୍ଯ୍ୟକ୍ରମ ଚା' ଶିଳ୍ପ ଏବଂ ଆସାମ ଶିଳ୍ପାୟନର ୨୦୦ ବର୍ଷର ପ୍ରତୀକ । ମଙ୍ଗଳବାର ଦିନ ଶ୍ରୀ ମୋଦୀ ଗୌହ୍ୱାଟୀ ରେ ଆଡଭାଣ୍ଟେଜ୍ ଆସାମ ୨.୦ ନିବେଶ ଏବଂ ଭିତ୍ତିଭୂମି ସମ୍ମିଳନୀ ୨୦୨୫କୁ ଉଦଘାଟନ କରିବାର କାର୍ଯ୍ୟସୂଚୀ ରହିଛି।

## ଭିପି-ଛତ୍ରପତି

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଆସନ୍ତାକାଲି  ରାଜସ୍ଥାନର ଜୟପୁରକୁ ଦିନିକିଆ ଗସ୍ତରେ ଯିବେ। ଜୟପୁରସ୍ଥିତ ଜାତୀୟ ବିଶ୍ୱବିଦ୍ୟାଳୟର ଚର୍ତୁଦ୍ଦଶ ସମାବର୍ତ୍ତନ ଉତ୍ସବରେ ଶ୍ରୀ ଧନଖଡ଼ ମୁଖ୍ୟ ଅତିଥି ଭାବେ ଯୋଗଦେବେ।

## ପିଏମ୍ ଆଡିମିନିଷ୍ଟ୍ରେସନ୍ ଆୱାର୍ଡସ

ଲୋକ ପ୍ରଶାସନରେ ଉତ୍କର୍ଷତା ପାଇଁ ପ୍ରଧାନମନ୍ତ୍ରୀ ପୁରସ୍କାର- ୨୦୨୪ ପାଇଁ ଏକ ହଜାର ୫୦୦ରୁ ଅଧିକ ମନୋନୟନପତ୍ର ମିଳିଛି। ତିନୋଟି ବର୍ଗରେ ସରକାରୀ କର୍ମଚାରୀଙ୍କ ଅବଦାନକୁ ସ୍ୱୀକୃତି ପ୍ରଦାନ କରିବା ଏହି ପୁରସ୍କାର ପ୍ରଦାନର ଉଦ୍ଦେଶ୍ୟ। ଜିଲ୍ଲାର ସାମଗ୍ରିକ ବିକାଶ, ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ଏବଂ ଉଦ୍ଭାବନ ଏହି ଶ୍ରେଣୀଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ। ଜିଲ୍ଲାର ସାମଗ୍ରିକ ବିକାଶ ଓ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ବର୍ଗରେ ମୋଟ ୫ଟି ପୁରସ୍କାର ପ୍ରଦାନ କରାଯିବ।

ଏହାବ୍ୟତୀତ ନବସୃଜନ ବର୍ଗରେ ୬ଟି ପୁରସ୍କାର ପ୍ରଦାନ କରାଯିବ। କାର୍ମିକ, ଲୋକ ଅଭିଯୋଗ ଓ ପେନସନ୍ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଏହି ପୁରସ୍କାର ପାଇଁ  ୭୧୦ଟି ଜିଲ୍ଲା ଅଂଶଗ୍ରହଣ ନିମନ୍ତେ ପଞ୍ଜୀକରଣ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏପ୍ରିଲ ୨୧ ରେ ସିଭିଲ୍ ସର୍ଭିସ୍ ଦିବସ ଅବସରରେ  ନୂଆଦିଲ୍ଲୀରେ ଏହି ପୁରସ୍କାର ପ୍ରଦାନ କରିବେ।

## ଦାସ-ପିଏମ୍ ଆପଏଣ୍ଟମେଣ୍ଟ

ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ତଥା ଅବସରପ୍ରାପ୍ତ ଆଇ.ଏ.ଏସ୍. ଅଧିକାରୀ ଶକ୍ତିକାନ୍ତ ଦାସଙ୍କୁ ପ୍ରଧାନମନ୍ତ୍ରୀଙ୍କ ଦ୍ୱିତୀୟ ପ୍ରମୁଖ ସଚିବ ଭାବେ ନିଯୁକ୍ତି ମିଳିଛି । ଏ ସମ୍ପର୍କରେ କାର୍ମିକ, ଜନ ଅଭିଯୋଗ ଏବଂ ପେନସନ୍ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ସୂଚନା ଅନୁସାରେ, ଓଡ଼ିଶାରେ ଜନ୍ମିତ ଶ୍ରୀ ଦାସ ୧୯୮୦ ବ୍ୟାଚ୍‌ର ତାମିଲନାଡୁ କ୍ୟାଡର୍‌ର ଆଇ.ଏ.ଏସ୍. ଅଧିକାରୀ । ବର୍ତ୍ତମାନ ଓଡ଼ିଶାର ପ୍ରମୋଦ କୁମାର ମିଶ୍ର ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଭାବେ କାର୍ଯ୍ୟ କରୁଛନ୍ତି ।

## ଅମିତ ଶାହା- ପୁଣେ

କେନ୍ଦ୍ର ସମବାୟ ମନ୍ତ୍ରୀ ଅମିତ ଶାହ କହିଛନ୍ତି, କେନ୍ଦ୍ରର ପ୍ରୟାସ ଯୋଗୁଁ ଗତ ତିନି ବର୍ଷ ମଧ୍ୟରେ ସମବାୟ କ୍ଷେତ୍ର ଉଲ୍ଲେଖନୀୟ ବିକାଶ ହାସଲ କରିଛି । ଆଜି ଅପରାହ୍ନରେ ପୁଣେରେ ଜନତା ସମବାୟ ବ୍ୟାଙ୍କର ହୀରକ ଜୟନ୍ତୀ ସମାରୋହରେ ଯୋଗଦେଇ ସେ କହିଛନ୍ତି, ମୋଦୀଙ୍କ ନେତୃତ୍ୱାଧୀନ ସରକାର ଦେଶର ସମବାୟ କ୍ଷେତ୍ରକୁ ବିପଣନ ଯୋଗ୍ୟ କରିଛନ୍ତି ।

କେନ୍ଦ୍ରୀୟ ରେଜିଷ୍ଟର ସମବାୟ ସମିତିର ପ୍ରଥମ ଆଞ୍ଚଳିକ କାର୍ଯ୍ୟାଳୟ ପୁଣେରେ ଖୋଲାଯିବ ବୋଲି କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହ ସୂଚନା ଦେଇଛନ୍ତି । ଆଜି ପୁଣେରେ ଜନତା ସମବାୟ ବ୍ୟାଙ୍କ

ପୁଣେର ହୀରକ ଜୟନ୍ତୀ ବର୍ଷର ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ଶ୍ରୀ ଶାହା ଏହା କହିଛନ୍ତି। ଦେଶରେ ସମବାୟ ବ୍ୟାଙ୍କଗୁଡ଼ିକୁ ଆର୍ଥିକ ଅସୁବିଧାରୁ ମୁକ୍ତ ଏବଂ ସହାୟତା କରିବା ପାଇଁ ଏକ ଶୀର୍ଷ ସଂଗଠନ ଗଠନ କରାଯାଇଛି ଏବଂ ଏହି ସଂଗଠନ ସମସ୍ତ ସମବାୟ ବ୍ୟାଙ୍କଗୁଡ଼ିକୁ ସୁଦୃଢ଼ କରିବା ଦିଗରେ କାର୍ଯ୍ୟ କରିବ ବୋଲି ଶ୍ରୀ ଶାହା କହିଛନ୍ତି।

**V/O**

ସମବାୟ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ପୁଣେରେ ପଶ୍ଚିମ ଆଞ୍ଚଳିକ ପରିଷଦର ୨୭ତମ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବୈଷୟିକ ଜ୍ଞାନକୌଶଳ ବିନିଯୋଗ କରିବାକୁ ଶ୍ରୀ ଶାହା ସମବାୟ ବ୍ୟାଙ୍କଗୁଡ଼ିକୁ ପରାମର୍ଶ ଦେଇଥିଲେ। ସମବାୟ ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ସେ ସମବାୟ ବିଶ୍ୱବିଦ୍ୟାଳୟ ବିଲ୍ ମଧ୍ୟ ଘୋଷଣା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ, ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର, ଏକନାଥ ସିନ୍ଦେ ପ୍ରମୁଖ ଉପସ୍ଥିତ ଥିଲେ।

# ଲିଡରସିପ୍- ଭୁପେନ୍ଦର

ଭବିଷ୍ୟତରେ ନେତା ଗଠନ ଦିଗରେ ନିରନ୍ତର ଶିକ୍ଷା, ବ୍ୟକ୍ତିଗତ ଆଚରଣ ଏବଂ ଦାର୍ଶନିକ ବୁଦ୍ଧିର ଗୁରୁତ୍ୱ ଉପରେ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଆଜି ଗୁରୁତ୍ୱାରୋପ କରିଛନ୍ତି। ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ଠାରେ ଆୟୋଜିତ 'ସ୍କୁଲ୍ ଅଫ୍ ଅଲ୍‌ଟିମେଟ୍ ଲିଡରସିପ୍-ସୋଲ୍ ଲିଡରସିପ୍ କନ୍‌କ୍ଲେଭ୍'କୁ ସମ୍ବୋଧିତ କରି

ମନ୍ତ୍ରୀ କହିଛନ୍ତି, ନେତୃତ୍ୱ କେବଳ ଏକ ଉଚ୍ଚ ପଦବୀ ହାସଲ କରିବା ନୁହେଁ, ବରଂ ନିରନ୍ତର ଶିକ୍ଷାଗ୍ରହଣ କରିବା, ନିଜକୁ ବିକଶିତ କରିବା ଏବଂ ଜୀବନବ୍ୟାପୀ ଶ୍ରେଷ୍ଠତା ହାସଲ କରିବା ଦିଗରେ ଆଶାୟୀ ହେବା।

ଶ୍ରୀ ଯାଦବ କହିଛନ୍ତି, ଦ୍ରୁତ ଗତିରେ ଆଗେଇ ଚାଲିଥିବା ଦୁନିଆରେ ଆଜିର ବାହ୍ୟ ଘଟଣା ଓ ଚିନ୍ତାଧାରାରେ ବିଭ୍ରାନ୍ତ ହେବା ଅତ୍ୟନ୍ତ ସହଜ। ତେବେ ଦୈନନ୍ଦିନ ଜୀବନର ବିଶୃଙ୍ଖଳା  ମଧ୍ୟରେ ଶାନ୍ତି ବଜାୟ ରଖିବା ପାଇଁ ନେତାମାନେ ଆତ୍ମନିୟନ୍ତ୍ରଣ ଅଭ୍ୟାସ କରିବା ଆବଶ୍ୟକ ବୋଲି ସେ କହିଛନ୍ତି।

## ସେଣ୍ଟର ରିଫଣ୍ଡ୍ସ

କୋଚିଂ ସେଣ୍ଟର ଗୁଡ଼ିକରୁ ୧ କୋଟି ୫୬ ଲକ୍ଷ ଟଙ୍କା ଫେରାଇ ଆଣଇ କେନ୍ଦ୍ର ସରକାର ଛାତ୍ରଛାତ୍ରୀଙ୍କୁ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ବିଭିନ୍ନ କାରଣ ଦର୍ଶାଇ କୋଚିଂ ସେଣ୍ଟରଗୁଡ଼ିକ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ବକେୟା ପ୍ରାପ୍ୟ ରାଶି ଦେଉ ନଥିଲେ। ଖାଉଟି ବ୍ୟାପାର ବିଭାଗ ସଫଳତାର ସହ ୬୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ପ୍ରାପ୍ୟ ଫେରସ୍ତ କରିଛି। ସିଭିଲ ସର୍ଭିସ, ଇଞ୍ଜିନିୟରିଂ ଏବଂ ଅନ୍ୟାନ୍ୟ ପାଠ୍ୟକ୍ରମ ପାଇଁ କୋଚିଂ ସେଣ୍ଟରରେ ନାମ ଲେଖାଇଥିବା ଏହି ଛାତ୍ରଛାତ୍ରୀମାନେ ପୂର୍ବରୁ କୋଚିଂ ଅନୁଷ୍ଠାନଦ୍ୱାରା ନିର୍ଦ୍ଧାରିତ ସର୍ତ୍ତାବଳୀ ପାଳନ କରିଥିଲେ ମଧ୍ୟଟଙ୍କା ଫେରସ୍ତ

ପାଇ ନଥିଲେ । ଜାତୀୟ ଉପଭୋକ୍ତା ହେଲ୍ପଲାଇନ ମାଧ୍ୟମରେ ଛାତ୍ରଛାତ୍ରୀମାନେ ଅଭିଯୋଗ ଦାଖଲ କରିବା ପରେ ସମସ୍ୟାର ସମାଧାନ ହୋଇପାରିଥିଲା ।

ଉପଭୋକ୍ତାଙ୍କ ଆର୍ଥିକ ସ୍ୱାର୍ଥରକ୍ଷା ପାଇଁ ସ୍ପଷ୍ଟ, ସ୍ୱଚ୍ଛ ଅର୍ଥ ଫେରସ୍ତ ନୀତି ବାଧ୍ୟତାମୂଳକ କରି ସମସ୍ତ କୋଚିଂ ସେଣ୍ଟରକୁ ଛାତ୍ର କୈନ୍ଦ୍ରିକ ଆଭିମୁଖ୍ୟ ଗ୍ରହଣ କରିବାକୁ ଉପଭୋକ୍ତା ବ୍ୟାପାର ବିଭାଗ ନିର୍ଦ୍ଦେଶ ଦେଇଛି । ବୈଧ ଫେରସ୍ତ ଦାବିକୁ ପ୍ରତ୍ୟାଖ୍ୟାନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ସ୍ପଷ୍ଟ କରିବା ସହ ଶିକ୍ଷାନୁଷ୍ଠାନଗୁଡ଼ିକୁ ଉପଭୋକ୍ତା ଅଧିକାର ବଜାୟ ରଖିବାକୁ ଅନୁରୋଧ କରିଛି ।

## ହମାସ- ହଷ୍ଟେଜ୍

ପାଲେଷ୍ଟାଇନ ସଂଗଠନ ହମାସ' ଗାଜା ଯୁଦ୍ଧବିରତି ରାଜିନାମା ଅନୁଯାୟୀ, ୬ ଜଣ ଇସ୍ରାଏଲ ବନ୍ଧକଙ୍କ ମଧ୍ୟରୁ ୫ ଜଣଙ୍କୁ ମୁକ୍ତ କରିଛି । ପ୍ରଥମ ଦୁଇ ଜଣ ଇସ୍ରାଏଲ ବନ୍ଧକଙ୍କୁ ରାଫାରେ ମୁକ୍ତ କରାଯାଇଥିବା ବେଳେ ଅନ୍ୟ ୩ ଜଣଙ୍କୁ ନୁସିରାଟରେ ମୁକ୍ତ କରାଯାଇଛି । ଗଣମାଧ୍ୟମର ସୂଚନା ଅନୁଯାୟୀ, ଇସ୍ରାଏଲ ୬୦୦ରୁ ଅଧିକ ପାଲେଷ୍ଟାଇନ୍ କଏଦୀ ଏବଂ ପଣବନ୍ଦୀଙ୍କୁ ମୁକ୍ତ କରିବାକୁ ଯାଉଛି । ସେମାନଙ୍କ ମଧ୍ୟରୁ ୬୦ ଜଣ ଦୀର୍ଘ କାରାଦଣ୍ଡ ଭୋଗୁଥିବା ବେଳେ ୫୦ ଜଣ ଆଜୀବନ କାରାଦଣ୍ଡ ଭୋଗୁଥିବା ବେଳେ ୨୦୧୧ ମସିହାରେ ବନ୍ଦୀ ଥିବା ଆଇଡିଏଫ ସୈନିକ ଗିଲାଦ ଶାଲିଟ୍‌ଙ୍କ ବଦଳରେ ୪୭ ଜଣଙ୍କୁ ପୁନର୍ବାର ଗିରଫ କରାଯାଇଛି ।

# ମହା-ଆକ୍ସିଡେଣ୍ଟ

ମହାରାଷ୍ଟ୍ରର ଜାଲନା ଜିଲ୍ଲାରେ ଏକ ଟିଣ ଘର ନିକଟରେ ଶୋଇଥିବା ବେଳେ ବାଲି ଗଦା ତଳେ ଚାପି ହୋଇ ୫ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଜାଫରାବାଦ ପଞ୍ଚାୟତ ଅନ୍ତର୍ଗତ ପାସୋଡି ଗ୍ରାମରେ ଆଜି ସକାଳେ ବେଆଇନ ଭାବେ ବାଲି ଚାଲାଣ କରୁଥିବା ଏକ ବାଲି ବୋଝେଇ ଟ୍ରକ୍' ବାଲି ଉତ୍ତୋଳନ କରି ତରବରିଆ ଭାବେ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଛି।  ମୁଖ୍ୟ ରାସ୍ତାରେ ପୋଲ ନିର୍ମାଣ ପାଇଁ ଶ୍ରମିକମାନେ ପାସୋଡ଼ି ଗାଁକୁ ଆସିଥିଲେ ଏବଂ ସେହି ସ୍ଥାନ ନିକଟରେ ଥିବା ଏକ ଅସ୍ଥାୟୀ ଟିଣ ଘରେ ରହୁଥିଲେ। ସେମାନଙ୍କ ଉପରେ  ଟ୍ରକ୍‌ଟି  ବାଲି ଗଦେଇ ଦେବା ଫଳରେ ସେମାନଙ୍କର ମୃତ୍ୟୁ ଘଟିଥିଲା।

# ଆଇ.ସି.ସି. ଚାମ୍ପିୟନ୍‌ସ ଟ୍ରଫି

ଆଇ.ସି.ସି. ଚାମ୍ପିୟନ୍ସ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତାର ଆଜି ଗ୍ରୁପ୍-ବି'ରେ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ମୁକାବିଲା ଜାରି ରହିଛି । ପାକିସ୍ତାନର ଲାହୋରସ୍ଥିତ ଗଦାଫି ଷ୍ଟାଡିୟମ୍‌ରେ ଚାଲିଥିବା ଏହି ମ୍ୟାଚ୍‌ରେ ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ସମ୍ମୁଖରେ ୩୫୨ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି । ଅଷ୍ଟ୍ରେଲିଆ ଟସ୍ ଜିତିବା ପରେ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଇଂଲଣ୍ଡ ଦଳ ନିର୍ଦ୍ଧାରିତ ୫୦ ଓଭର୍‌ରେ ୮ ୱିକେଟ୍ ହରାଇ ୩୫୧ ରନ୍ କରିଥିଲା ।

ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଅଷ୍ଟ୍ରେଲିଆ ୫ ଓଭର୍‌ରେ ଦୁଇଟି ୱିକେଟ୍ ହରାଇ ୩୨ ରନ୍ ସଂଗ୍ରହ କରିଛି ।